# ଭାରତୀୟ ଜନସଂଚାର ସଂସ୍ଥାନ, ନୂଆଦିଲ୍ଲୀ
# ପ୍ରବେଶିକା ପରୀକ୍ଷା ୨୦୧୨
# ସାମ୍ବାଦିକତାରେ ସ୍ନାତକୋତ୍ତର ଡିପ୍ଲୋମା (ଓଡ଼ିଆ)

ସମୟ–୨ ଘଣ୍ଟା ପୂର୍ଣ୍ଣ ସଂଖ୍ୟା ୮୫

**ସବୁ ପ୍ରଶ୍ନର ଉତ୍ତର ଦିଅନ୍ତୁ । ପ୍ରଥମ ତିନୋଟି ପ୍ରଶ୍ନର ଉତ୍ତର ୨୫୦ ଶବ୍ଦ ମଧ୍ୟରେ ଦିଅନ୍ତୁ ।**

୧. ପ୍ରବନ୍ଧ ଲେଖନ୍ତୁ: ୧୫

କ. ମାଓବାଦୀ ସମସ୍ୟା

କିମ୍ବା

ଖ. ମେଣ୍ଟ ରାଜନୀତି

୨. ବିଶ୍ଳେଷଣ କରନ୍ତୁ: ୧୫

କ. ସୋସିଆଲ ମିଡିଆର ପ୍ରଭାବ

କିମ୍ବା

ଖ. ଆପଣ ନିୟମିତ ପଢୁଥିବା ଖବରକାଗଜର ଖେଳ ପୃଷ୍ଠା

୩. ଟିପ୍ପଣୀ ଦିଅନ୍ତୁ ୧୫

କ. ମ୍ୟାଟ୍ରିକ ପରୀକ୍ଷା ପରିଚାଳନାରେ ବିଶୃଙ୍ଖଳା

କିମ୍ବା

ଖ. ଉଦ୍ୟୋଗୀକରଣ ପାଇଁ ବିସ୍ଥାପନ ଉଚିତ୍ କି?

୪. ନିମ୍ନଲିଖିତ ବିଷୟରୁ ଯେକୌଣସି ୧୦ଟି ସମ୍ପର୍କରେ ଲେଖନ୍ତୁ । ପ୍ରତ୍ୟେକ ୨୦ ଶବ୍ଦ ଭିତରେ । ୦୨

କ. ସୀତାକାନ୍ତ ମହାପାତ୍ର

ଖ. ମିଳିତ ରାଷ୍ଟ୍ର (ୟୁ.ଏନ୍)

ଗ. କମ୍ୟୁନିଟି ରେଡିଓ

ଘ. ଫକୀରମୋହନ ସେନାପତି

ଙ. ଭାରତ ରତ୍ନ

ଚ. ଆର ଟି ଆଇ

ଛ. ଜୟଦେବ

ଜ. ଷ୍ଟିଙ୍ଗ ଅପରେସନ

ଝ. ମାନବାଧିକାର

ଞ. ସିଟିଜେନ୍ ଜର୍ଣ୍ଣାଲିସମ୍

ଟ. ଏନ୍‌ସିଟିସି

ଠ. ଡିଆରଡିଓ

ଡ. ବିସମିଲ୍ଲା ଖାନ୍

ଢ. ସତ୍ୟଜିତ୍ ରାୟ

ଣ. ମିନତି ମିଶ୍ର

୫. ନିମ୍ନଲିଖିତ ଅନୁଚ୍ଛେଦକୁ ସଂକ୍ଷେପ କରି ୫୦ ଶବ୍ଦ ଭିତରେ ଲେଖନ୍ତୁ । ୧୦

ସ୍ୱାଧୀନତା ପୂର୍ବରୁ ସାମ୍ବାଦିକତା ଓ ଜାତୀୟତା ସମାର୍ଥବୋଧକ ଥିଲା । ସେବା ଥିଲା ସାମ୍ବାଦିକତାର ଭିତ୍ତି । ଦେଶକୁ ଭଲ ପାଉଥିବା ଏକ ଶିକ୍ଷିତ ଗୋଷ୍ଠୀ ତିଆରି କରିବା ଥିଲା ସାମ୍ବାଦିକତାର ଲକ୍ଷ୍ୟ । ଲକ୍ଷ୍ୟ ଥିଲା: ଦେଶବାସୀଙ୍କୁ କେମିତି ଦେଶ ବିଷୟରେ ସମାଜ ବିଷୟରେ ସଚେତନ କରେଇ ହେବ, ବିଭିନ୍ନ ବିଷୟରେ ଜ୍ଞାନ ଦେଇ ହେବ । ଘଟଣାର ବିବରଣୀ, ତଥ୍ୟର ପ୍ରସାରଣଠୁଁ ସଚେତନତା ଓ ଜାତୀୟବୋଧର ଉନ୍ମେଷ ଏବଂ ଜ୍ଞାନର ପ୍ରସାରଣ ଅଧିକ ମାନ୍ୟତା ପାଉଥିଲା । ତଥ୍ୟ ନୁହେଁ, କି ଆମୋଦ ନୁହେଁ, ଶିକ୍ଷା ଥିଲା ମୂଳମନ୍ତ୍ର ଏବଂ ଦେଶବାସୀଙ୍କୁ ଶିକ୍ଷା ଦେବା ସାମ୍ବାଦିକତାର ଧର୍ମ ବୋଲି ବିଚାର କରାଯାଉଥିଲା । ସାମ୍ବାଦିକମାନେ ମଧ୍ୟ ଏହାକୁ ବ୍ରତ ଭାବେ ଗ୍ରହଣ କରିନେଇଥିଲେ । ରାଜନୀତିର ମଧ୍ୟ ଲକ୍ଷ୍ୟ ଥିଲା ସମାନ । ତେଣୁ ସେତେବେଳେ ଅଧିକାଂଶ ରାଜନୈତିକ ନେତା ସାମ୍ବାଦିକତା ସହିତ ଜଡିତ ଥିଲେ ।

ସ୍ୱାଧୀନତା ପରେ ଭାରତରେ ସାମ୍ବାଦିକତାର ରୂପରେ ପରିବର୍ତ୍ତନ ହେଲା । ସାମ୍ବାଦିକତା ଆଉ କେବଳ ସେବା ହୋଇ ରହିଲା ନାହିଁ ଏହା କ୍ରମଶଃ ପେସା ହୋଇଉଠିଲା । ସେଥିରେ ସେହି ବୃତ୍ତିର ବିଶେଷ ଜ୍ଞାନ ଲୋଡା ହେଲା । ବିଶେଷ ଜ୍ଞାନ ଆହରଣ ପାଇଁ ଶିକ୍ଷା ଆବଶ୍ୟକ ହେଲା । ଏଥିରେ ସାମିଲ ହେଉଥିବା ବ୍ୟକ୍ତିମାନେ ନିଜ ପେଟପାଟଣା, ପରିବାର କଥା ବି ବୁଝିବାକୁ ଚାହିଁଲେ । ସ୍ୱେଚ୍ଛାକୃତ ଦାରିଦ୍ର୍ୟର ଯେଉଁ ବ୍ରତ ପ୍ରାକ୍ ସ୍ୱାଧୀନତା ଯୁଗର ସାମ୍ବାଦିକମାନେ ଗ୍ରହଣ କରୁଥିଲେ ସ୍ୱାଧୀନୋତ୍ତର କାଳରେ ତାହା ଆଉ ରହିଲା ନାହିଁ । ରହିବା ବୋଧହୁଏ ସମ୍ଭବ ବି ନଥିଲା । ଯୁଗର ଅଗ୍ରଗତି ସହିତ ସେ କାଳର ବିଳାସ ବର୍ତ୍ତମାନ ସମୟର ଆବଶ୍ୟକତା ହୋଉ ଉଠିଲା । ତେଣୁ ସମ୍ବାଦପତ୍ରକର୍ମୀମାନଙ୍କ ଆର୍ଥିକ ନିରାପତାର ପ୍ରଶ୍ନ ଉଠିଲା ଏବଂ ସମ୍ବାଦପତ୍ର ଗୁଡିକ ଆର୍ଥିକ ଦୃଷ୍ଟରୁ ସ୍ୱଚ୍ଛଳ ହେବା ଦରକାର ପଡିଲା । ଅର୍ଥ ଉପାର୍ଜନ ଦରକାର ହୋଇପଡିଲା । ସମ୍ବାଦପତ୍ର ବ୍ୟବସାୟିକ ହେବା ଦରକାର ହୋଇପଡିଲା । ସାମ୍ବାଦିକତା ଆଉ ସେବା ହୋଇ ରହିଲା ନାହିଁ ଆଉ ପାଞ୍ଚୋଟି ବୃତ୍ତି ଭଳି ଗୋଟେ ବୃତ୍ତି ହୋଇ ଉଠିଲା ।

କିନ୍ତୁ ସାମ୍ବାଦିକତା ଅନ୍ୟ ବୃତ୍ତିଠାରୁ ଭିନ୍ନ । ପେସାଦାରୀ ଦକ୍ଷତା ଛଡ଼ା ଏହାର କେତେକ ନୈତିକ ଆବଶ୍ୟକତା ରହିଛି । ସତ୍ୟ, ନ୍ୟାୟ, ନିର୍ଭୀକତା, ଦେଶପ୍ରେମ, ସମାଜର ବୃହତ୍ତର କଲ୍ୟାଣ, ଜାତୀୟ ସ୍ୱାର୍ଥ, ଅନ୍ୟାୟକୁ ଲୋକଲୋଚନକୁ ଆଣିବା ପାଇଁ ଇଚ୍ଛା ଏଗୁଡିକ ହେଲା ସାମ୍ବାଦିକ ବୃତ୍ତିର ମୌଳିକ ଭିତ୍ତିଭୂମି । ଏ କଥା ଗୁଡିକର ପରିବର୍ତ୍ତନ ହେବା ଉଚିତ୍ ନୁହେଁ । ସାମ୍ବାଦିକମାନେ ଏସବୁ ବିଷୟ ପ୍ରତି ପ୍ରତିବଦ୍ଧ ହୋଇ ରହିବା ଆବଶ୍ୟକ ।

୬. ନିମ୍ନଲିଖିତ ଇଂରାଜୀ ଅନୁଚ୍ଛେଦକୁ ଓଡ଼ିଆରେ ଅନୁବାଦ କରନ୍ତୁ । ୧୦

Government of India has recently introduced the world's one of the largest development programme in human history, The National Rural Employment Guarantee Scheme (NREGS).This flagship programme was enacted by the government of India as the National RuralEmployment Guarantee Act (NREGA) in September 2005. The NREGS came into effect, on a pilot basis, in February 2006 in 200 economically disadvantaged districts of the country. In the second phase of implementation, it was extended to 130 additional districts and the remaining districts were covered in the third phase on April 1, 2008.

This social welfare programme is primarily intended to enhance the livelihood securities of the people in rural areas by supplementing wage employment opportunities to the unskilled labor force. The programme is in force with the intention that it would act as a strong safety net for the poor in the wake of lack of alternative employment opportunities. In an attempt to ensure the rural economy to grow, the scheme is expected to regenerate the rural natural resource base for sustainable livelihood by carrying out soil and water conservation activities.What is considered most crucial is the empowerment of the poor through the provision of a rights-based law. NREGA gives rise to programmes that develop not from its willful benevolence, but as a legally binding response by the state to a right to work that is enshrined in law. The constraint of resources cannot thus be cited by the government as an excuse for failing to provide works (Ambasta et al., 2008). Quality of works is central to the implementation of this programme. There is complete abolition of contractors from the implementation of NREGA, thereby getting rid of rampant corruption and labour exploitation that was in vogue in earlier schemes.